ପଞ୍ଜାବ ରାଜ୍ୟ ଏବଂ ଅନ୍ୟମାନେ

*ବନାମ*

ଲାଲ୍ ସିଂହ ଏବଂ ଅନ୍ୟମାନେ

ନଭେମ୍ବର 18,1996

[କେ.ରାମାସ୍ୱାମୀ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ ]

*ସେବା ଆଇନ :*

*ପଞ୍ଜାବ ସିଭିଲ ସେବା ନିୟମାବଳୀ, (1953):*

*(ଖଣ୍ଡ I, ଭାଗ I), ନିୟମ 4 (4) – ଅଗ୍ରୀମ ବେତନବୃଦ୍ଧି – ଜେବିଟି ଶିକ୍ଷକମାନେ – ଅସ୍ଥାୟୀ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି – ପ୍ରଧାନ ଶିକ୍ଷକଙ୍କ ବେତନ ହାରରେ ଗୋଟିଏ ଅଗ୍ରୀମ ବେତନ ବୃଦ୍ଧି ଦାବି – ଦର୍ଶାଯାଇଛି, ଯେତେବେଳେ ଜେବିଟି ଶିକ୍ଷକ ଅସ୍ଥାୟୀ ଭାବେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତ ହୁଅନ୍ତି, ଏହି ପଦବୀରେ ଅଧିକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଥାଏ, ସେତେବେଳେ ସେ ତାଙ୍କ ପୁରୁଣା ପଦବୀରେ ଏକ ଅଗ୍ରୀମ ବୃଦ୍ଧି ପାଇବାକୁ ହକଦାର ଅଟନ୍ତି, ଯାହାକି ତାଙ୍କ ଅସ୍ଥାୟୀ ପ୍ରଧାନ ଶିକ୍ଷକ ପଦବୀରେ ପଦୋନ୍ନତି ହେବା ଦିନ ଜେବିଟି ଶିକ୍ଷକଙ୍କ ମୂଳ ଦରମାଠାରୁ ଅଧିକ ହେବ ।*

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 15057/1996 ।

ସି.ଡବ୍ଲ୍ୟୁ.ପି. ସଂଖ୍ୟା 16409/1992 ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କର 2.11.95 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀମାନଙ୍କ ପାଇଁ ମନୋଜ ସ୍ୱରୂପ ।

ଉତ୍ତରଦାତାମାନଙ୍କ ପାଇଁ ଏମ୍.ଏନ୍. କୃଷ୍ଣମଣି, ଆର୍.ସି. କୌଶିକ, ସତ୍ପାଲ୍ ସିଂହ ଏବଂ ଡି.କେ. ଗର୍ଗ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ବିଳମ୍ବକୁ କ୍ଷମା କରାଯାଇଛି ।

ଅନୁମତି ପ୍ରଦାନ କରାଗଲା ।

ଆମେ ଉଭୟ ପକ୍ଷର ବିଜ୍ଞ ଅଧିବକ୍ତା ଶୁଣିଛୁ ।

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲ ସିଡବ୍ଲ୍ୟୁପି ସଂଖ୍ୟା 16409/92ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନଭେମ୍ବର 2,1995 ତାରିଖରେ ଦିଆଯାଇଥିବା ଆଦେଶରୁ ଉତ୍ପନ୍ନ ହୋଇଛି । ଉଠାଯାଇଥିବା ବିବାଦ ଅଗ୍ରୀମ ବେତନ ବୃଦ୍ଧି ପାଇଁ ଥିଲା । ପ୍ରଶ୍ନ ହେଉଛି କେଉଁ ବେତନ ହାର ସ୍ତରରେ ଉତ୍ତରଦାତାମାନେ ଅଗ୍ରୀମ ବୃଦ୍ଧି ପାଇବାକୁ ହକଦାର ଅଟନ୍ତି ? ସ୍ୱୀକାରଯୋଗ୍ୟ, ଉତ୍ତରଦାତାମାନଙ୍କୁ ଜେବିଟି ଶିକ୍ଷକଙ୍କ ଗୁରୁତ୍ୱପୂର୍ଣ୍ଣ ସ୍ଥାୟୀ ପଦବୀରେ ନିଯୁକ୍ତ କରାଯାଇଥିଲା ଏବଂ ସେମାନଙ୍କୁ ଅସ୍ଥାୟୀ ଭାବରେ ପ୍ରଧାନ ଶିକ୍ଷକ ଭାବରେ ପଦୋନ୍ନତି ଦିଆଯାଇଥିଲା । ଜେବିଟି ଶିକ୍ଷକମାନଙ୍କ ପାଇଁ ବେତନର ହାର ହେଉଛି 1200-2100 ଟଙ୍କା । ସେମାନେ

1410 ଟଙ୍କାରେ ପ୍ରାରମ୍ଭିକ ବେତନ ହାରରେ ଅସ୍ଥାୟୀ ପ୍ରଧାନ ଶିକ୍ଷକ ଭାବରେ କର୍ତ୍ତବ୍ୟ ନିର୍ବାହ କରୁଛନ୍ତି I ସେମାନେ ପ୍ରଧାନ ଶିକ୍ଷକ ଭାବେ କର୍ତ୍ତବ୍ୟ ନିର୍ବାହ ପାଇଁ ଅଗ୍ରୀମ ବେତନ ବୃଦ୍ଧି ଦାବି କରିଥିଲେ I ଉଚ୍ଚ ନ୍ୟାୟାଳୟ ବ୍ୟାଖ୍ୟା କରିଛନ୍ତି ଯେ, ସେମାନେ ପ୍ରଧାନ ଶିକ୍ଷକ ଭାବେ ଅଗ୍ରୀମ ବେତନ ବୃଦ୍ଧି ପାଇବାକୁ ହକଦାର, ପଞ୍ଜାବ ସିଭିଲ୍ ସେବା ଖଣ୍ଡ-1ର ନିୟମ 4 (4), ଭାଗ-1 ଯାହା ନିମ୍ନରେ ପଢାଯାଏ :

> " 4.4.ଜଣେ ସରକାରୀ କର୍ମଚାରୀଙ୍କ ପ୍ରାରମ୍ଭିକ ମୂଳ ବେତନ, ଯିଏକି ଏକ ନିର୍ଦ୍ଦିଷ୍ଟ ସମୟ ହାର ବେତନର ଏକ ପ୍ରକୃତ ପଦବୀରେ ନିଯୁକ୍ତ ହୋଇଥାନ୍ତି, ନିମ୍ନମତେ ନିୟନ୍ତ୍ରିତ ହୋଇଥାନ୍ତି :
>
> (i) ଯେତେବେଳେ ନୂତନ ପଦବୀରେ ନିଯୁକ୍ତିରେ ଏପରି ସ୍ଥାୟୀ ପଦବୀ ସଂଲଗ୍ନ କରିବା ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ କର୍ତ୍ତବ୍ୟ କିମ୍ବା ଦାୟିତ୍ୱ ଗ୍ରହଣ (ନିୟମ 4.13 ଉଦ୍ଦେଶ୍ୟ ପାଇଁ ବ୍ୟାଖ୍ୟା କରାଯାଇଥିବା ଅନୁଯାୟୀ) ଅନ୍ତର୍ଭୁକ୍ତ ଥାଏ, ସେତେବେଳେ ସେ ପୁରୁଣା ପଦବୀ ସମ୍ବନ୍ଧରେ ତାଙ୍କର ମୂଳ ବେତନ ଉପରେ ପରବର୍ତ୍ତୀ ସମୟ-ସ୍ତରର ପର୍ଯ୍ୟାୟକୁ ପ୍ରାରମ୍ଭିକ ବେତନ ଭାବରେ ଗ୍ରହଣ କରିବେ I"

ଏହାର ଏକ ପଠନ ସ୍ପଷ୍ଟ ଭାବରେ ସୂଚିତ କରିବ ଯେ, ଜଣେ ସରକାରୀ କର୍ମଚାରୀଙ୍କ ପ୍ରାରମ୍ଭିକ ମୂଳ ଦରମା ନିୟନ୍ତ୍ରିତ ହୁଏ, ଯଦି ସେ ଏକ କାର୍ଯ୍ୟକାଳ ପଦବୀ ବ୍ୟତୀତ ଅନ୍ୟ ଏକ ସ୍ଥାୟୀ ପଦବୀରେ ଆଇନଗତ ଅଧିକାର ଧାରଣ କରନ୍ତି ଏବଂ ଯେତେବେଳେ ନୂତନ ପଦବୀରେ ନିଯୁକ୍ତି ଅଧିକ ଗୁରୁତ୍ୱପୂର୍ଣ୍ଣ କର୍ତ୍ତବ୍ୟ କିମ୍ବା ଦାୟିତ୍ୱ ଗ୍ରହଣ ଅନ୍ତର୍ଭୁକ୍ତ ଥାଏ, ତେବେ ସେ ପୁରୁଣା ପଦବୀ ସମ୍ବନ୍ଧରେ ତାଙ୍କର ମୂଳ ବେତନ ଉପରେ ପରବର୍ତ୍ତୀ ସମୟ ସ୍ତରର ପର୍ଯ୍ୟାୟ ରୂପରେ ପ୍ରାରମ୍ଭିକ ଦରମା ଭାବରେ ଗ୍ରହଣ କରିବେ I ତେଣୁ, ଏହା ଦେଖାଯାଇପାରେ ଯେ, ଯେତେବେଳେ ଜେବିଟି ଶିକ୍ଷକମାନଙ୍କୁ ଅସ୍ଥାୟୀ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ଦିଆଯାଇଥିଲା, ଯେହେତୁ ସେ ଜଣେ ପ୍ରଧାନ ଶିକ୍ଷକ ଭାବେ ଅଧିକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରୁଥିବାରୁ, ତେଣୁ ପ୍ରଧାନ ଶିକ୍ଷକ ଭାବେ ତାଙ୍କର ଅସ୍ଥାୟୀ ପଦୋନ୍ନତି ତାରିଖରେ ମୂଳ ବେତନର ପରବର୍ତ୍ତୀ ସମୟସୀମା ମଧ୍ୟରେ ତାଙ୍କର ପୁରୁଣା ପଦବୀରେ ଗୋଟିଏ ଅଗ୍ରୀମ ବୃଦ୍ଧି ପାଇବାର ଅଧିକାର ଅଛି I

ତଦନୁସାରେ, ଅପିଲକୁ ଅନୁମତି ଦିଆଯାଇଛି I ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ପରିବର୍ତ୍ତନ କରାଯାଇଛି I ପଦୋନ୍ନତି ସମୟରେ ପ୍ରଧାନ ଶିକ୍ଷକ ଭାବେ ଦାୟିତ୍ୱ ନିର୍ବାହ କରିବା ବେଳେ ସେମାନେ ଜେବିଟି ଶିକ୍ଷକ ସ୍ତରରେ ଗୋଟିଏ ଅଗ୍ରିମ ବୃଦ୍ଧି ପାଇବାକୁ ହକଦାର ଅଟନ୍ତି I କୌଣସି ଖର୍ଚ୍ଚ ନାହିଁ I

ଆର୍.ପି. ଅପିଲକୁ ଅନୁମତି ଦିଆଗଲା I

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ। "

ଅନୁବାଦିକା : ସସ୍ମିତା ନାଏକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ